**ସଂକ୍ଷେପରେ**

## ସିଟି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ୍,୩।୧୧:** ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ 'ରୀତିଯୁଗୀୟ ସାହିତ୍ୟର ଯୁଗସ୍ରଷ୍ଟା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ:ଏକ ଅଧ୍ୟୟନ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ପୁଷ୍ପାଞ୍ଜଳି ସାବତ ଏଥିରେ ଅଧକ୍ଷତା କରିଥିଲେ । ତୃତୀୟ ବର୍ଷ ଛାତ୍ର ସରୋଜ କୁମାର ଗୌଡ଼ ଏବଂ ପ୍ରଥମ ବର୍ଷ ଛାତ୍ର ସୌମ୍ୟରଞ୍ଜନ ସାହୁ ପଠନ କରିଥିଲେ । ବିଭାଗୀୟ ମୁଖ୍ୟା ସସ୍ମିତା ମିଶ୍ର ପାଠଚକ୍ର ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧାପିକା କୁମାରୀ ମମତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ତୃତୀୟ ବର୍ଷ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ପୋଲସରାସ୍ଥିତ ଭୀମଭୋଇ ସାହିତ୍ୟ ସଂଘର ବବ୍ରୁବାହନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ପାଠଚକ୍ରରେ ଅଧାପକ ସରୋଜ ମିଶ୍ର, ଡ. ସୁରେନ୍ଦ୍ରନାଥ ପଣ୍ଡା, ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ. ପ୍ରତାପ ଦାସ, ଡ. ଅଞ୍ଜଳୀ ପାତ୍ର, ଡ. ଅଜୟ ପାଢୋଇ, ଗୀତାଞ୍ଜଳୀ ପାଣିଗ୍ରାହୀ, ମୀନତି ସୁବୁଦ୍ଧିଙ୍କ ସମେତ ବହୁ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ତୃତୀୟ ବର୍ଷର ଛାତ୍ର ମୋହନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ସାପ କାମୁଡ଼ାରେ ମହିଳା ମୃତ

**ବେଗୁନିଆପଡା,୩।୧୧(ଡି.ଏନ.ଏ.)-** ସାପ କାମୁଡ଼ାରେ ବେଗୁନିଆପଡ଼ା ଫାଣ୍ଡି ବିରିବାଟିଆ ଗ୍ରାମର ଜଣେ ମହିଳାଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ସ୍ୱାଇଁଙ୍କ ସ୍ତ୍ରୀ ଲକ୍ଷ୍ମୀ (୫୦)। ଲକ୍ଷ୍ମୀ ସକାଳୁ ନିଜ ବିଲକୁ ଯାଇ କାମ କରୁଥିବା ସାପ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ କୋଦଳା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ନିବେଦନ କରାଯାଇଛି।

## ଭିଜିଲାନ୍ସ ସଚେତନତା ସପ୍ତାହରେ ଶପଥ ପାଠ

**ଆର.ଉଦୟଗିରି,୩।୧୧(ଡି.ଏନ.ଏ.)-** ଆର.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଭିଜିଲାନ୍ସ ସଚେତନତା ସପ୍ତାହ ଶନିବାର ପାଳିତ ହୋଇଥିଲା। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବୈଜ୍ଞାନିକମାନେ ସଚ୍ଚୋଟତା ଶପଥ ଗ୍ରହଣ କରିଥିଲେ। ଚାନ୍ଦିପୁଟସ୍ଥିତ ଇନ୍ଦିରା ସ୍ମୃତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଧାପକ ରମଣୀୟ ଆଚାର୍ଯ୍ୟ, ଅନିଲ କୁମାର ପଟ୍ଟନାୟକ, ଅଧାପିକା ସାଗରିକା ରଉତ, ଅର୍ଚ୍ଚନା ରାଇକା, ଅନୁସୟା ପାଇକ, ତରୁଣ କୁମାର ବଡ଼ମୁଣ୍ଡି, କୃଷ୍ଣଚନ୍ଦ୍ର ପୂଜାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଗ୍ରାମ ଗୁରୁ, ସଞ୍ଜୀବ ମାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

**ରାଜ୍ୟସ୍ତରୀୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ**

# 'ଇଂଲିଶ୍ ପଛରେ ଗୋଡ଼ାଇବା ମାନସିକତା ବଦଳନ୍ତୁ'

**ବ୍ରହ୍ମପୁର ଅଫିସ୍,୩।୧୧**

ଅନେକ ବର୍ଷ ପର୍ଯ୍ୟନ୍ତ ଆମକୁ ଶାସନ କରିବା ପରେ ଇଂରେଜମାନେ ନିଜ ଦେଶକୁ ଫେରିଗଲେ । କିନ୍ତୁ ତାଙ୍କ ଭାଷାର ଗଭୀର ଛାପ ଆମ ଶିକ୍ଷା, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଛାଡ଼ିଗଲେ । ଏହାର ପ୍ରଭାବ ଆଞ୍ଚଳିକ ଭାଷାଗୁଡିକ ଉପରେ ପଡ଼ିଲା। ଓଡ଼ିଆ ସେଥିରୁ ଅନ୍ୟତମ। କେବଳ ଇଂଲିଶ୍ ଭାଷା ଦ୍ୱାରା ହିଁ ଜଣେ ଜ୍ଞାନୀ ଏବଂ ବିକଶିତ ହୋଇପାରିବ ବୋଲି ଆମ ମନରେ ଏକ ଭାବନା ସୃଷ୍ଟି ହୋଇଛି। ତେଣୁ ସମସ୍ତେ ଏହି ଭାଷାକୁ ଆପଣାଇବାକୁ ଚାହୁଁଛନ୍ତି । ଓଡ଼ିଆ ଭାଷା ମଧ୍ୟ ଜ୍ଞାନୀ ଏବଂ ବିକଶିତ ମଣିଷଙ୍କ ଭାଷା ହୋଇପାରିବ, ତାହା ଆମେ ଭାବି ପାରୁନାହେଁ। ଯାହାଫଳରେ ଓଡ଼ିଆ ଭାଷା ପ୍ରତି ହୀନମନ୍ୟତା ବଢ଼ିବାରେ ଲାଗିଛି । ଓଡ଼ିଆମାନେ ଇଂଲିଶ୍ ଭାଷା ପଛରେ ଗୋଡ଼ାଇବା ମାନସିକତା ବଦଳାନ୍ତୁ ବୋଲି ବିଶିଷ୍ଟ ଭାଷାବିତ୍ ତଥା ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ପ୍ରକାଶମ୍ ହଲ୍‌ଠାରେ ରବିବାର ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପଟ୍ଟନାୟକ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ ।

ଆର୍ନ୍ତଜାତୀକ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଏବଂ ମହାନ୍ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗ କରିଥିଲା। ପ୍ରତିଷ୍ଠାନର କେନ୍ଦ୍ରୀୟ ସଭାପତି ସୁଶାନ୍ତ କୁମାର ସାବତ ଏଥିରେ ଅଧକ୍ଷତା କରିଥିଲେ । ପ୍ରଥମେ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଡ. କୁଳମଣୀ ଓଝା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଖବରଦାତା ଜଗନ୍‌ମୋହନ ମହାପାତ୍ର, ବିମଳା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ 'ଟିମ୍ କ୍ଲିନ୍ ସିଟି', ବ୍ରହ୍ମପୁର ଇଷ୍ଟ ରୋଟାରି କ୍ଲବକୁ ସାମାଜିକ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏଥିସହ ଗୀତା ଦାସ, ପ୍ରମୋଦ ଦାସ, ତପସ୍ୱିନୀ ଆରୁଖ, ପ୍ରମୋଦ ପ୍ରଧାନ ଏବଂ ମୂରଲୀ ମୋହନ, ହରିପ୍ରସାଦ ମଲଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମନୋଜ କୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଷଜ ବିଶାରଦ ଡା. ପ୍ରଫୁଲ ଚନ୍ଦ୍ର ସାହୁ ଏବଂ ତାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ କବୟିତ୍ରୀ ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା । ଭାରତୀ କୁସୁମ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ପୂର୍ବତନ କର୍ପୋରେଟର୍ ଦଣ୍ଡପାଣି ନାୟକ ଧନ୍ୟବାଦ ଦେଇଥିଲେ । ଦେବୀ ପ୍ରଭା ରଥ, ବିଦୁଷୀ ଲୋପା ସାମଲ, ସବିତା ସାହୁ, ଉମାଶଙ୍କର ପାଣି, ସାନ୍ତନୁ ରଣା, ରୂପକାନ୍ତ ସାମନ୍ତରାୟ ଏବଂ ପ୍ରକାଶ ଚନ୍ଦ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ୨୪ ୟୁନିଟ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ,୩।୧୧:** ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ୪୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପତଞ୍ଜଳୀ ଯୋଗସମିତି ସହଯୋଗରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗେଟ ବଜାରସ୍ଥିତ ଏନଜିଓ ହଲଠାରେ ଆୟୋଜିତ ଏହି ଶିବିରକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡା. ଶଙ୍କର୍ଷଣ ପାତ୍ର, ମହମ୍ମଦ ଆସଲାମ ପ୍ରମୁଖ ଉପସ୍ଥିତ ଥିଲେ । ପତଞ୍ଜଳୀର ରାଜ୍ୟ ଯୁବ ସହ ପ୍ରଭାରୀ ସୁବ୍ରତ କୁମାର ପୂଜାରୀ ରକ୍ତଦାନର ଆବଶ୍ୟକତା ଉପରେ କହିଥିଲେ । ସୂର୍ଯ୍ୟନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ । ଭବାନୀ ଶଙ୍କର ମିଶ୍ର, ଲିପୁନ ସାହୁ, ପ୍ରସନ୍ନ କୁମାର ମହାନ୍ତି, ଦିନେଶ କୁମାର ପାତ୍ର, ଏ. ସନ୍ତୋଷ ରାଓ, ପାର୍ବତୀ ପ୍ରସାଦ ପାଢୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରୁ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ରାଜ୍ୟସ୍ତରୀୟ ସ୍କେଟର ଚୟନ ଶିବିର


ଚୟନ ଶିବିରରେ ଭାଗନେଇଥିବା ସ୍କେଟର୍‌ମାନେ ।

**ବ୍ରହ୍ମପୁର ଅଫିସ୍,୩।୧୧**

୫୭ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ ଡିସେମ୍ବର ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାଠାରେ ଅନୁଷ୍ଠିତ ହେବ। କ୍ୟାଡେଟ ଗ୍ରୁପ, ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଗ୍ରୁପର ପ୍ରତିଯୋଗିତା ହେବ । ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ(ଆର୍‌ଏସ୍‌ଏଫଆଇ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ବର୍ଗର ସ୍କେଟର ଅଂଶଗ୍ରହଣ କରିବେ । ଏହାପୂର୍ବରୁ ରବିବାର ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସହର ଉପକଣ୍ଠ ଭାବନ୍ଧଠାରେ ଥିବା ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ କଲେଜ ପରିସରରେ ରାଜ୍ୟସ୍ତରୀୟ ଚୟନ ଶିବିର ହୋଇଥିଲା। ଶିବିରରେ ୫ବର୍ଷରୁ ୧୭ ବର୍ଷର ସ୍କେଟର ଓ ତା' ଠାରୁ ଅଧିକ ବର୍ଗର ସ୍କେଟରମାନେ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଜିଲା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ପରିଚାଳିତ ଏହି ଶିବିର ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆର ପର୍ଯ୍ୟବେକ୍ଷକ ଫୁଲ ଚାନ୍ଦ, ଓଡ଼ିଶା ୟୁନିଟର ସହକାରୀ ସଂଯୋଜକ ନିମେଶ ଶର୍ମା, ଅଜୟ ଭୂଷଣ ସାହୁ ଏବଂ ଦେବାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୪୦ ଜଣ ଉଭୟ ବର୍ଗ ବାଳିକା ଓ ବାଳକ ସ୍କେଟର ଶିବିରରେ ଅଂଶ ଗ୍ରହଣ କରିଥିଲେ । ଏଥିସହିତ ଓଡ଼ିଶା ପାଇଁ ରୋଲର ହକି ଦଳ ମଧ୍ୟ ଚୟନ କରାଯାଇଛି । ଶିବିରରେ ଉତ୍ତମ ପ୍ରଦର୍ଶନ କରିଥିବା ସ୍କେଟର୍‌ମାନେ ବିଶାଖାପାଟଣାଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଏହି ରାଜ୍ୟସ୍ତରୀୟ ଚୟନ ଶିବିରରେ ବହୁ ଅଭିଜ୍ଞ ରୋଲର ସ୍କେଟିଂ ରେଫରି ଯୋଗ ଦେଇଥିଲେ ।

## ତ୍ରିଧାରା ସାହିତ୍ୟ ସଂସଦର ମାସିକ ଆସର

**ବ୍ରହ୍ମପୁର ଅଫିସ,୩।୧୧**

ସ୍ଥାନୀୟ ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ୍ତ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ନିମାଇଁ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ସଂସଦର ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ. ପ୍ରକାଶ ଚନ୍ଦ୍ର ଦାଶ ଯୋଗଦେଇ ସନାତନ ସଂସ୍କୃତିର ଉପଚାରର ପ୍ରୟୋଗର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଲୋକନାଥ ନାୟକ, ସୁଜାତା ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପଠୋତ୍ସବରେ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ସୁଜାତା ଶତପଥୀ କବିତା ଆସର ସଂଯୋଜନା କରିଥିଲେ । ଏହି ଅବସରରେ କବି ଲକ୍ଷ୍ମଣ ମହାନ୍ତ, କବି ଦାଶରଥୀ କୁଣ୍ଡୁ, ଡ. ପ୍ରକାଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଅଧାପକ ଲୋକନାଥ ନାୟକ ଧନ୍ୟବାଦ ଦେଇଥିଲେ ।

## ୮ରୁ ମହାନଗର ପୁସ୍ତକମେଳା

**ବ୍ରହ୍ମପୁର ଅଫିସ,୩।୧୧**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ଆସନ୍ତା ୮ ତାରିଖରୁ ମହାନଗର ପୁସ୍ତକମେଳା ଆରମ୍ଭ ହେବ । ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳପଡିଆଠାରେ ହେବାକୁ ଥିବା ଏହି ମେଳା ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରବିବାର ଗୋଇଲୁଣ୍ଡିସ୍ଥିତ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର ସଭାପତି କବି ସୁଶାନ୍ତ ଦାଶ ସୂଚାଇଛନ୍ତି । ମେଳାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଦ୍ୟାପୁରୀ, ଅଗ୍ରଦୂତ, ଷ୍ଟୁଡେଣ୍ଟ ଷ୍ଟୋର, ରାଧାନାଥ, ସାରଳା, ବିବେକ, ସାହିତ୍ୟ ଏକାଡେମୀ, ନବନୀତ ମୁମ୍ବାଇ ଭଳି ଓଡିଶା ଓ ଓଡିଶା ବାହାରୁ ବହୁ ପ୍ରକାଶକ, ପୁସ୍ତକ ବିକ୍ରେତା ଯୋଗଦେବାକୁ ସମ୍ମତି ପ୍ରକାଶ କରିଛନ୍ତି । ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନର ଷ୍ଟଲ ମଧ୍ୟ ଦେଖିବାକୁ ମିଳିବ । ମେଳାରେ ପ୍ରାୟ ୧୦୦ ଷ୍ଟଲ ଖୋଲିବା ଯୋଜନା ରହିଥିବା ସୂଚନା ଦିଆଯାଇଛି। ପୁସ୍ତକ ମେଳାରେ ଲୋକଙ୍କୁ ଆକର୍ଷିତ କରିବା ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାହିତ୍ୟ, ଶିକ୍ଷାଭିତ୍ତିକ ଆଲୋଚନାଚକ୍ର ଆୟୋଜନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ବିଭିନ୍ନ ଦିବସରେ ବହୁ ବିଶିଷ୍ଟ ବ୍ୟକ୍ତି, କବି, ଲେଖକ, ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଧ୍ୟ କମିଟି ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ କପିଳ ଚନ୍ଦ୍ର ମହାନ୍ତି, ଅଜିତ କୁମାର ସାବତ, ବାଲ୍ମୀକି ମହାପାତ୍ର, ନିହାର ରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ନରେଶ କୁମାର ବେହେରା, ସତ୍ୟମ ଆଚାରୀ, ସପ୍ତମିତା ଦାଶ, ସୁଧାଞ୍ଜଳି ମିଶ୍ର, ସୁବ୍ରତ ଦାଶ, କୈଳାସ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ।

**ଓକିଲଙ୍କ ଘରୁ ଚୋରି ଘଟଣା**

## ସପ୍ତାହକ ପରେ ବି ପୋଲିସ ହାତ ଖାଲି

**ବ୍ରହ୍ମପୁର ଅଫିସ,୩।୧୧**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୁଡାସିଂ ନିକଟ ଭରତ ବିହାରରେ ରହୁଥିବା ଆଇନଜୀବୀ ଦିଲୀପ କୁମାର ପାଢୀଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଗହଣା ଲୁଟିବା ଘଟଣା ସପ୍ତାହେ ବିତିଲାଣି। ହେଲେ ଏ ଯାଏ ଲୁଟେରାଙ୍କ କୌଣସି ସୁରାକ ମିଳୁ ନ ଥିବାରୁ ପୋଲିସ ଚିନ୍ତାରେ ପଡିଯାଇଛି। ଦୁର୍ବୃତ୍ତମାନେ ଆଇନଜୀବୀ ପାଢ଼ୀଙ୍କ ଘରୁ ମୋବାଇଲ ମଧ୍ୟ ଚୋରି କରି ନେଇଥିଲେ। ପୋଲିସ ଉକ୍ତ ମୋବାଇଲର ଇଏମ୍‌ଆଇ ନମ୍ବର ଜରିଆରେ ଟ୍ରାକିଂ କରୁଥିଲେ ମଧ୍ୟ ସେଭଳି କିଛି ସଫଳତା ମିଳିପାରି ନାହିଁ। ଗତ ୨୭ ତାରିଖ ରାତି ୮ଟାରୁ ୯ ମଧ୍ୟରେ ଦୁର୍ବୃତ୍ତମାନେ ଆଇନଜୀବୀଙ୍କ ଗ୍ରୀଲ ତାଲା ଭାଙ୍ଗି ଘରେ ପଶିଥିଲେ। ୨ଟି ଆଲମିରାରୁ ସେମାନେ ୭୮ ହଜାର ଟଙ୍କା, ସୁନା ଓ ରୁପା ସାମଗ୍ରୀ ଚୋରାଇ ନେଇଥିଲେ। ଏ ନେଇ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା ନଂ.୨୪୫/୧୯ ରୁଜୁ କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୩।୧୧**

ଗୋପାଳପୁର ଫାଟକ ନିକଟ ରେଳଧାରଣାରୁ ଜିଆର୍‌ପି ରବିବାର ସକାଳେ ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନି। ଫୁଲ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବା ଏହି ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୮ବର୍ଷ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ. ୫୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହଟି ଏମକେସିଜି ମେଡିକାଲର ସଂରକ୍ଷଣ ଗୃହରେ ରଖାଯାଇଛି। ପ୍ରାଥମିକ ତଦନ୍ତରୁ ବ୍ୟକ୍ତି ଜଣଙ୍କ ଏକ ମାଲବାହୀ ଟ୍ରେନ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ପ୍ରାଦେଶିକ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ୍,୩।୧୧**

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ବୁଦ୍ଧିଜୀବୀଙ୍କୁ ନେଇ ପ୍ରାଦେଶିକ ବିଦ୍ୱତ୍ ପରିଷଦର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ଏସ୍. ମୋହନ୍ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୱତ୍ ପରିଷଦର ପ୍ରାନ୍ତ ସଂଯୋଜକ ରୁଦ୍ର ନାରାୟଣ ବେହେରା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଭାରତୀର ରାଷ୍ଟ୍ରୀୟ ମନ୍ତ୍ରୀ ଡ. କିଶୋର ଚନ୍ଦ୍ର ମହାନ୍ତି ଆଲୋଚ୍ୟ ବିଷୟ 'ଶିକ୍ଷା ଓ ସର୍ବାଙ୍ଗିନ ବିକାଶ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଶିକ୍ଷା ଓ ସର୍ବାଙ୍ଗିନ ବିକାଶ ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବହୁ ଶିକ୍ଷାବିତ୍ ନିଜ ମତାମତ ଉପସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପ୍ରାନ୍ତ ବିଦ୍ୱତ୍ ପରିଷଦ ସଂଯୋଜକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଶିକ୍ଷା ବିକାଶ ସମିତିର ସଭାପତି ଡ. ବିନାୟକ ଦାଶ । କାର୍ଯ୍ୟକ୍ରମର ଶେଷରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୱତ୍ ପରିଷଦର ଆଲୋଚକ ମଣ୍ଡଳୀଙ୍କ ମଧ୍ୟରେ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ ପଟ୍ଟନାୟକ, ଫୁଲବାଣୀ ବିଭାଗ ନିରୀକ୍ଷକ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ସଂକୁଳର ସମ୍ପାଦକ ଓ ସଭାପତି ତଥା ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ,ସୁଦର୍ଶନ ପାଢୀ ଉପସ୍ଥିତ ଥିଲେ ।



ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାମାନେ ।

# ୪ ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମାବେଶ

**ଭାଜପା କ୍ଷେତ୍ରୀୟ ସାଙ୍ଗଠନିକ ନିର୍ବାଚନ କର୍ମଶାଳା**

**ଡିସେମ୍ବର ଶେଷ ସୁଦ୍ଧା ହେବ ଜିଲା ସଭାପତି ଚୟନ**

**ବ୍ରହ୍ମପୁର ଅଫିସ,୩।୧୧**

ଭାଜପାର କ୍ଷେତ୍ରୀୟ ସାଙ୍ଗଠନିକ ନିର୍ବାଚନ କର୍ମଶାଳା ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳର କନ୍ଧମାଳ, ଗଜପତି, ଘୁମୁସର ଓ ଗଞ୍ଜାମ ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ଗତ ସାଧାରଣ ନିର୍ବାଚନର ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ଦଳର ସଂଗଠନ ଦାୟିତ୍ୱରେ ଥିବା ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି କର୍ମଶାଳା ଉଦଘାଟନ କରିବା ସହ ତୃଣମୂଳସ୍ତରରୁ ସଙ୍ଗଠନକୁ କିଭଳି ମଜଭୁତ କରାଯିବ ମନ୍ତ୍ର କହିଥିଲେ। ମାସ ଶେଷ ସୁଦ୍ଧା ବୁଥ୍ ଓ ମଣ୍ଡଳ ଏବଂ ଡିସେମ୍ବର ମାସ ସୁଦ୍ଧା ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବାକୁ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ୪ ସାଙ୍ଗଠନିକ ଜିଲାର ଦଳୀୟ ସ୍ଥିତି ଓ ନୂଆ ସଦସ୍ୟତା ସଂଗ୍ରହ ଅଭିଯାନ ନେଇ ଚିହ୍ନିକିଖି ସମୀକ୍ଷା କରାଯାଇଥିଲା ।

କେନ୍ଦ୍ର ସରକାର ଓ ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ବ୍ୟାପକ ପ୍ରଚାର ଅଭିଯାନ ଚଳାଇ ଲୋକଙ୍କୁ ଦଳ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ରାଜ୍ୟରେ ଦୁର୍ନୀତି ଓ ମହିଳା ନିର୍ଯ୍ୟାତନା ବଢ଼ି ଚାଲିଥିବା କର୍ମଶାଳାରେ ଅଭିଯୋଗ କରାଯାଇଥିଲା। ଯାଜପୁର ଜିଲାରେ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ପ୍ରତିବାଦରେ ଆସନ୍ତା ୫ ତାରିଖରେ ଛତ୍ରପୁର, ପାରଳାଖେମୁଣ୍ଡି ଓ ଫୁଲବାଣୀରେ ଜିଲାପାଳଙ୍କ ଅଫିସ ଘେରାଉ କରିବା ପାଇଁ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ମହିଳା ମୋର୍ଚ୍ଚାର ଆନ୍ଦୋଳନରେ ସାମିଲ ହେବାକୁ କୁହାଯାଇଥିଲା। ସେହିପରି ଡିସେମ୍ବର ଶେଷ ପର୍ଯ୍ୟନ୍ତ ବ୍ରହ୍ମପୁର ସମେତ ବିଭିନ୍ନ ସ୍ଥାନରେ ଦଳର ଗାନ୍ଧୀ ସଂକଳ୍ପ ପଦଯାତ୍ରା କରାଯିବାର ନିଷ୍ପତ୍ତି ନିଆଯାଇଛି ।

କର୍ମଶାଳାରେ ଗଞ୍ଜାମ ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ସମେତ ବ୍ରହ୍ମପୁର, କନ୍ଧମାଳ ଓ ଆସିକା ଲୋକସଭା ପ୍ରାର୍ଥୀ ହୋଇଥିବା ଭୃଗୁ ବକ୍ସିପାତ୍ର, ଖାରବେଳ ସ୍ୱାଇଁ ଓ ଅନିତା ଶୁଭଦର୍ଶନୀ ଯୋଗ ଦେଇଥିଲେ । ପାରଳାଖେମୁଣ୍ଡି ବିଧାୟକ ନାରାୟଣ ରାଓ, ଗଜପତି ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଓ ବରିଷ୍ଠ ନେତା ମହେଶ ମହାନ୍ତି ଉପସ୍ଥିତ ଥିଲେ । ବିଭିନ୍ନ ପ୍ରସଙ୍ଗ ନେଇ ହୋଇଥିବା ଆଲୋଚନାରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା ଗୋପୀନାଥ ପଣ୍ଡା, ସୁନିଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ରାଜେଶ ସାହୁ, ଶରତ ସାହୁ, ମଦନ ପାତ୍ର ପ୍ରମୁଖ ଭାଗ ନେଇଥିଲେ । ରାଜ୍ୟ ସମ୍ପାଦକ ବିଭୁତି ଜେନା, ସରୋଜ ସାବତ, ଗୋକୁଳାନନ୍ଦ ମଲିକ, ପିଙ୍କି ପ୍ରଧାନ, ମନୋରଞ୍ଜନ ଦ୍ୟାନସାମନ୍ତରା, ପ୍ରଶାନ୍ତ କର, ବିଜୟ ସ୍ୱାଇଁ, ବିନାୟକ ତ୍ରିପାଠୀ, ରଞ୍ଜନ ପଲେଇ ପ୍ରମୁଖ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ଏବଂ କୁଞ୍ଜ ବିହାରୀ ପାଣିଗ୍ରାହୀ, ସୁବାସିନୀ ପଟ୍ଟନାୟକ, ରବିନ୍ଦ୍ର ସାହୁ, ଦେବାନନ୍ଦ ମହାପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ ।



କର୍ମଶାଳାରେ ଉପସ୍ଥିତ ଭାଜପା ନେତାମାନେ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୪ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଟିଜିଟି ଶିକ୍ଷକ ପଦବୀ ବିଜ୍ଞାପନକୁ ନେଇ ଅସନ୍ତୋଷ

**ଫୁଲବାଣୀ ଅଫିସ, ୩।୧୧:** କନ୍ଧମାଳ ଜିଲାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ତରଫରୁ ୭ଟି ଶିକ୍ଷକ(ଟିଜିଟି) ପଦବୀ ପାଇଁ ଗତ ୨୫ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଛି। ଏଥିରେ ସାଧାରଣବର୍ଗଙ୍କ ନିମନ୍ତେ ବୟସ ସୀମା ୩୨ ଥିବାବେଳେ ଆଦିବାସୀ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ୫ ବର୍ଷ କୋହଳ କରାଯାଇଛି। ଡିଗ୍ରୀ ପାଠ୍ୟକ୍ରମରେ ସାଧାରଣବର୍ଗଙ୍କ ପାଇଁ ୫୦ ପ୍ରତିଶତ ମାର୍କ ଧାର୍ଯ୍ୟ ହୋଇଥିବାବେଳେ ଆଦିବାସୀ ଏବଂ ମହିଳା, ଭିନ୍ନକ୍ଷମ ପ୍ରାର୍ଥୀଙ୍କୁ ୫ ପ୍ରତିଶତ କୋହଳ କରାଯାଇଛି। ହେଲେ ୨୦୧୮ ମେ'ରେ ବାହାରିଥିବା ବିଜ୍ଞାପନରେ ଏସ୍ଇବିସି, ଏସ୍ଟି, ଏସ୍ସି, ମହିଳା ଏବଂ ଭିନ୍ନକ୍ଷମଙ୍କ ପାଇଁ ବୟସ ସୀମା ୫ ବର୍ଷ ଏବଂ ଶିକ୍ଷାଗତ ଯୋଗ୍ୟତା ଆଧାର ମାର୍କରେ ମଧ ୫ ପ୍ରତିଶତ କୋହଳ କରାଯାଇଥିଲା। ହେଲେ ଏବେ ବାହାରିଥିବା ବିଜ୍ଞାପନରେ ଏସ୍ସି ଏବଂ ଏସ୍ଇବିସି ବର୍ଗଙ୍କ କ୍ଷେତ୍ରରେ ଏହା ଲାଗୁ କରାଯାଇନାହିଁ। ଫଳରେ ଏସବୁ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ସମସ୍ତ ଠିକା ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଏସ୍ସି, ଏସଇବିସି ବର୍ଗରେ ଏସବୁ କୋହଳ କରୁଥିବା ବେଳେ କାହିଁକି ଏଥର ବାଦ୍ ଦିଆଗଲା, ତାହାକୁ ନେଇ ଆଶାୟୀ ପ୍ରାର୍ଥିଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି। ଏଭଳି ବିଜ୍ଞାପନ ପ୍ରକାଶ ପାଇଥିବାରୁ ତାଲିମପ୍ରାପ୍ତ ବିଇଡି ଏବଂ ଓଏସ୍ଏସ୍ଟିଇଟି(ଓଡିଶା ଷ୍ଟେଟ ସେକେଣ୍ଡାରୀ ଟିଚର ଇଲିଜିବିଲିଟ ଟେଷ୍ଟ)ପାସ୍ କରିଥିବା ପ୍ରାର୍ଥୀମାନେ ଆବେଦନରୁ ବଞ୍ଚିତ ହେଉଛନ୍ତି। ଏହାକୁ ସଂଶୋଧନ କରି ନୂତନ ଭାବରେ ବିଜ୍ଞାପନ ପ୍ରକାଶ କରିବାକୁ ବିଇଡି ତାଲିମ୍ପ୍ରାପ୍ତମାନେ ଦାବି କରିଛନ୍ତି।

### କଟାବାଡ଼ି ହାଇସ୍କୁଲରେ ମିଳିତ ବୈଠକ

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ)-** ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ପଞ୍ଚାୟତର କଟାବାଡ଼ି ହାଇସ୍କୁଲରେ ଶନିବାର ବିଦ୍ୟାଳୟ ପରିଚାଳନା କମିଟି ସମେତ ଅଭିଭାବକ ଏବଂ ଶିକ୍ଷକଙ୍କ ମଧରେ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଜ୍ୟୋତିରାଜ ପ୍ରଧାନ ଅଧକ୍ଷତା କରିଥିବାବେଳେ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ମିଶ୍ର ସଭାପରିଚାଳନା କରିଥିଲେ। ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସିଆରସିସି ହରିଶଙ୍କର ପ୍ରଧାନ, ପର୍ତ୍ତମାହା ସରପଞ୍ଚ ଫଗୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ମାଳତୀ ପ୍ରଧାନ ବିବରଣୀ ପଠନ କରିଥିଲେ। ୧୦ମ ଛାତ୍ର ଯାହସିୟ ପ୍ରଧାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ପ୍ରଧାନ ଶିକ୍ଷକ ମିଶ୍ର ଅବଗତ କରାଇଥିଲେ। ବିଇଓ ରାଉତ କହିଥିଲେ ଯେ, ଛାତ୍ରୀଛାତ୍ର କର୍ତ୍ତବ୍ୟନିଷ୍ଠ ହେବାସହ ଅଭିଭାବକଙ୍କ ସହଭାଗିତା ରହିଲେ ମାଟ୍ରିକ ରେଜଲ୍ଟ ଉତ୍ତମ ହୋଇପାରିବ। ଶିକ୍ଷକ ଶ୍ରବଣ କୁମାର ମହାଙ୍କୁଡ଼ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ, ମନୋସି ଦତରଇତ ପ୍ରମୁଖ ଉପସ୍ଥିତ ଥିଲେ।

### ମଧୁବାବୁ ଆଇନ ସହାୟତା ଶିବିର

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ.)-** ଦାରିଙ୍ଗବାଡ଼ି ବ୍ଲକ ଶ୍ରୀନିକେତା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧୁବାବୁ ଆଇନ ସହାୟତା ଶିବିର ଶନିବାର ଉଦ୍ଘାଟିତ ହୋଇଯାଇଛି। ଏଥିରେ ନିଯୁକ୍ତି ପାଇଥିବା ଓକିଲ ପ୍ରବୀର କୁମାର ସାହୁ ଯୋଗଦେଇ ଉପସ୍ଥିତ ଅନୁସୂଚିତ ଜନଜାତି, ଜାତି, ଦିବ୍ୟାଙ୍ଗ, ଅସହାୟ ଶିଶୁଙ୍କୁ ଏହି ସେବା ଯୋଗାଇ ଦିଆଯିବ ଏଥି ପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ ବୋଲି କହିଥିଲେ। ପ୍ରତ୍ୟେକ ଶନିବାର ପୂର୍ବାହ୍ନ ୯ଟାରେ ଶିବିରର ଆୟୋଜନ କରାଯାଇ ଗରିବ ଅସହାୟଙ୍କୁ ସେବା ଯୋଗାଇଦେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁପର୍ଣ୍ଣା ପ୍ରଧାନ ଯୋଗଦେବା ସହ ଓକିଲ ଟିପୁସୁଲତାନ ନାୟକ, ଇନ୍ଦ୍ରମଣି ପ୍ରଧାନ, ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ମଧୁବାବୁ ଆଇନ ସହାୟତା ପାଇବା ପାଇଁ କେଉଁମାନେ ଯୋଗ୍ୟ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମରୋଜଗାର ସେବକ ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କର

## କ୍ୟାରିୟର କାଉନ୍ସେଲିଂ

**ଫୁଲବାଣୀ ଅଫିସ, ୩।୧୧**

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ଜିଲା ଇ-ଲାଇବ୍ରେରୀ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏହାକୁ ଉଦ୍ଘାଟନ କରି ନିଜେ କିପରି ଡାକ୍ତର ହେବା ସହ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଛାତ୍ରୀଛାତ୍ରଙ୍କୁ କହିଥିଲେ।

ପ୍ରତ୍ୟେକ ବ୍ୟକ୍ତିଙ୍କ ପଛରେ କିଛି ନା କିଛି କାହାଣୀ ଅଛି। ମାତ୍ର ସଫଳ ବ୍ୟକ୍ତି ପଛରେ କେବଳ ସଫଳ କାହାଣୀ ହିଁ ଅଛି। ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ଭଳି ସେ ମଧ କେବଳ ପାଠ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ଯେପରି ମନୋରଞ୍ଜନ, ପର୍ବପର୍ବାଣୀ ସବୁ କିଛି ଭୁଲି ଯାଇଥିଲେ। ଲକ୍ଷ୍ୟ ଥିଲା, ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା। ୨ବର୍ଷ ଡାକ୍ତର ଭାବେ କାର୍ଯ୍ୟ କରିବା ପରେ ଗୋଟିଏ ଥରରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଅଭିଜ୍ଞତା ବର୍ଣ୍ଣନା କରିବାକୁ ଯାଇ ଜିଲାପାଳ କହିଥିଲେ ଯେ, ସ୍ୱଳ୍ପ ଓ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଇଁ ମନୋରଞ୍ଜନ କରିପାର, ମାତ୍ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ହେବ। ଇଣ୍ଟରନେଟ୍ ଓ ସୋସିଆଲ୍ ମିଡ଼ିଆର ସଦୁପଯୋଗ କରିବା ସହିତ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର ନିୟମିତ ପଢ଼ିବା, ମୌଖିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ଇଂରାଜୀ କହିବା ଅଭ୍ୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଜଣେ ଦୃଢ଼ମନା ହିଁ ସଫଳତା ପାଇ ପାରିବ ବୋଲି ଜିଲାପାଳ ବକ୍ତବ୍ୟରେ କହିଥିଲେ।

ଅନ୍ୟତମ ପରାମର୍ଶଦାତା ତଥା ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଶିକ୍ଷା ସମାପନ ପରେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ପାଇଁ ନିଜର ଲକ୍ଷ୍ୟ ନିରୂପଣ କରିବା ଆବଶ୍ୟକ। ସେଥିପାଇଁ ନିଜର ଦକ୍ଷତା ଓ ମାନସିକତାକୁ ମଧ ଦୃଷ୍ଟି ଦେବାକୁ ଉପଦେଶ ଦେଇଥିଲେ। ଧିରେଧିରେ ଏହାକୁ ବୃଦ୍ଧି କରି ପାରିଲେ ସଫଳ ହେବାର ସମ୍ଭାବନା ଅଧିକ ଥାଏ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ଜିଲାପାଳ ସେମାନଙ୍କର ସନ୍ଦେହ ମୋଚନ କରିଥିଲେ। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଜୀବନଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ କୁମାର ପରିଡ଼ା, ଇ-ଲାଇବ୍ରେରୀର କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# କପା ମଣ୍ଡି ପରିଦର୍ଶନ କଲେ କୃଷି ବିପଣନ ପରିଷଦ ଉପଦେଷ୍ଟା



ଦିଗପହଣ୍ଡି କପା ମଣ୍ଡି ପରିଦର୍ଶନ କରି ଫେରୁଛନ୍ତି ରାଜ୍ୟ କୃଷି ବିପଣନ ଉପଦେଷ୍ଟା।

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.)**

ରାଜ୍ୟ କୃଷି ବିପଣନ ପରିଷଦର ଉପଦେଷ୍ଟା ତଥା ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି (ଆରଏମସି) କାର୍ଯ୍ୟାଳୟ ପରିସରରେ ଥିବା କପାମଣ୍ଡି ପରିଦର୍ଶନ କରି ଫେରଛନ୍ତି। ଚାଷୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସରକାରୀ ଯୋଜନାର ସେ ସମୀକ୍ଷା କରିଥିଲେ। ଆଞ୍ଚଳିକ ବିପଣନ ଅଧିକାରୀ ଶିବ ପ୍ରସାଦ ସ୍ୱାଇଁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ କୁମାର ମିଶ୍ର, ଉପାଧକ୍ଷ ଗୌରାଙ୍ଗ ସାହୁ, ସଦସ୍ୟ କୈଳାସ ପଣ୍ଡାଙ୍କ ସହ ବହୁସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ଦିଗପହଣ୍ଡି ବ୍ଲକ ଗ୍ରାମାଞ୍ଚଳ ଘୋଡ଼ାହାଡ ଓ ରାମ ନଦୀ ଅବବାହିକାରେ ପର୍ଯ୍ୟାପ୍ତ ପନିପରିବା ଚାଷ ହେଉ ନ ଥିବାରୁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ କପା ମଣ୍ଡି ପ୍ରାଙ୍ଗଣରେ ସାପ୍ତାହିକ ହାଟ ଖୋଲିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଦିଗପହଣ୍ଡି ବଜାର କମିଟି ଅଧୀନରେ ଥିବା ବ୍ରହ୍ମପୁର ଆମ୍ବପୁଆସ୍ଥିତ ଫୁଲ ବଜାର ପ୍ରାଙ୍ଗଣ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଥିବା ଗଞ୍ଜାମ ଜିଲା ପୁଷ୍ପ ଉତ୍ପାଦକ ସଂଘ କର୍ମକର୍ତ୍ତା ଶ୍ରୀଧର ବର୍ମା, ବଳିତା ବାବୁ, ପ୍ରଦୀପ ସାହୁ, ଗଣେଶ ପାତ୍ର ପ୍ରମୁଖଙ୍କ ସହ ସେମାନଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ। ଫୁଲ ଚାଷୀଙ୍କୁ ଆଧୁନିକ ଉପାୟରେ ତାଲିମ ପ୍ରଦାନ କରାଯିବା ସହ ବୈଷୟିକ ସହାୟତା ଯୋଗାଇ ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବହୁ ଫୁଲ ଚାଷୀ ସେମାନଙ୍କ ଅସୁବିଧା ସମ୍ପର୍କରେ କୃଷି ବିପଣନ ଉପଦେଷ୍ଟାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ସଭାଗୃହଠାରେ ରବିବାର ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ରଙ୍କ ଅଧକ୍ଷତାରେ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ ସହ ମଧୁବାବୁଙ୍କ ସମେତ ମହାପୁରୁଷଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଭାପତି ପାତ୍ର ବୈଠକର ଉଦ୍ଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା ପୂର୍ବପାଠର ବିବରଣୀ ଓ ଅନୁମୋଦନ କରାଯାଇଥିବା କାର୍ଯ୍ୟର ବିବରଣୀ ପଠନ କରିଥିଲେ। ସେହିପରି କାର୍ଯ୍ୟାଳୟର ସମସ୍ତ ନଥିପତ୍ର ଓଡ଼ିଆ ଭାଷାରେ ପ୍ରୟୋଗ କରାଯାଉଥିବା କୁହାଯାଉଥିଲା। ଆଜୀବନ ସଦସ୍ୟ ସଂଖ୍ୟା ବୃଦ୍ଧି, ବ୍ଲକ ଶାଖା ଗଠନ, ଉତ୍କଳ, ଯୁବ ବାହିନୀ ଗଠନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ବିନୋଦ କୁମାର ମହାପାତ୍ର, ରବୀନ୍ଦ୍ରନାଥ ଶତପଥୀ, ଉଷାରାଣୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କନ୍ଧମାଳ ଜିଲା ସଭାପତି କୌଶିକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀର ଜିଲାସ୍ତରୀୟ ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କୁ ସାମାଜିକ ସେବା, ଓଡ଼ିଶୀ ନୃତ୍ୟ ପାଇଁ ଦାରିଙ୍ଗବାଡ଼ିର ପ୍ରିୟଙ୍କା ସାହୁ, କୁଇଭାଷା କବି ତେରାବାଡ଼ିର ବଲୁ ପ୍ରଧାନ ଏବଂ ଡେକା (ଲୋକବାଦକ) ଶ୍ରାମୁକା ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଭାଗରେ 'ଅପହଞ୍ଚ ଇଲାକାରେ ଆମ ଓଡ଼ିଆ ଭାଷା' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ନବଜାତ ଶିଶୁକନ୍ୟା ମୃତଦେହ ଉଦ୍ଧାର

**ହିଞ୍ଜିଳିକାଟୁ,୩।୧୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବେବେର୍ତ୍ତାବନ୍ଧ ହୁଡାରୁ ଜଣେ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ରବିବାର ମଧାହ୍ନରେ ଉଦ୍ଧାର ହୋଇଛି। ଜନ୍ମପରେ କେହି ଶିଶୁକନ୍ୟାଙ୍କୁ ଶିଶୁଟିର ଜନ୍ମପରେ କେହି ଏଠାରେ ଫୋପାଡିଥିବା ସନ୍ଦେହ କରାଯାଉଛି। କେତେଜଣ ବ୍ୟକ୍ତି ରବିବାର ମଧ୍ୟାହ୍ନରେ ବେବର୍ତ୍ତାବନ୍ଧ ହୁଡାରେ ମୃତ ଶିଶୁଟି ଏକ ଅଳିଆ ଗଦାରେ ପଡ଼ିଥିବା ଦେଖିଥିଲେ। ଏନେଇ ଖବର ପ୍ରଚାରିତ ପରେ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଶିଶୁଙ୍କୁ ଆମ୍ବୁଲାନ୍ସରେ ହିଞ୍ଜିଳିକାଟୁ ଡ଼ାକ୍ତରଖାନା ନେଇଥିଲେ। ତେବେ କିଏ ଏଠାରେ ମୃତଦେହ ପକାଇଛି ଜଣା ପଡୁ ନ ଥିଲେ ମଧ ପୋଲିସ ତଦନ୍ତ ଚଳାଇଛି।

# ବିଲ୍ ପାସ୍ ପାଇଁ ଲାଞ୍ଚ ଅଭିଯୋଗ, ତଦନ୍ତ ଆରମ୍ଭ

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟର ଜଣେ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ଲାଞ୍ଚ ନେଇଥିବା ଜିଲା ପ୍ରଶାସନ ନିକଟରେ ଜଣେ ଠିକା ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ସଂପୃକ୍ତ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକଙ୍କୁ ଜିଲା ପ୍ରଶାସନ ଫୁଲବାଣୀ ଡକାଇ ତଦନ୍ତ କରିଛି। ଅଭିଯୋଗ ଆଣିଥିବା ସଂସ୍ଥାକୁ ମଧ ଡକାଇ ଘଟଣା ସମ୍ପର୍କରେ ତଦନ୍ତ କରାଯାଇଛି। ପ୍ରକାଶ ଯେ, ଯେଉଁ କାର୍ଯ୍ୟ ପାଇଁ ୩ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଛି ଏବଂ ତାକୁ ବିଲ୍ ପାସ୍ କରାଇବାକୁ ୨୦ ପ୍ରତିଶତ ଲାଞ୍ଚ କାରବାର ହୋଇଛି ଉକ୍ତ କାର୍ଯ୍ୟ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଉକ୍ତ କାର୍ଯ୍ୟ ଜିଲା ପ୍ରଶାସନ ଅଧୀନରେ ରହିଥିବାବେଳେ ବାଲିଗୁଡା ଜିଲାପାଳ ଉକ୍ତ ଅନୁଷ୍ଠାନର ଅଧକ୍ଷ ରହିଛନ୍ତି। ଏ ନେଇ ଦାରିଙ୍ଗବାଡ଼ି ବିଡିଓ କହିଛନ୍ତି ଉକ୍ତ ଘଟଣା ମେ' ମାସରେ ଘଟିଛି। ପୂର୍ବତନ ବିଡିଓ ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ଦେଇ ପାରିବେ ବୋଲି ସେ କହିଛନ୍ତି। ଏବେ ଉକ୍ତ କାର୍ଯ୍ୟର କିଛି ବିଲ୍ ପାସ ହୋଇ ନ ଥିବାର ସେ କହିଛନ୍ତି। ଏନେଇ ବୈଷୟିକ ସହାୟକ ଅଭିଯୋଗ ଆସିଥିବା ଘଟଣା ମିଥ୍ୟା ଓ ସମସ୍ତ ବିଲ୍ ସେ ପ୍ରଦାନ କରିଥିବା ପ୍ରମାଣ ରହିଛି ବୋଲି କହିଛନ୍ତି।

# କହ୍ନେଇପୁର ମେଡିକାଲ ପରିସର ସଫେଇ

**ଖଲ୍ଲିକୋଟ,୩।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କହ୍ନେଇପୁର ମେଡିକାଲ ପରିସରକୁ ଶନିବାର ସଫେଇ କରାଯାଇଛି। କହ୍ନେଇପୁର ଓ ମାଣିକ୍ୟପୁର ଦୁଇ ପଞ୍ଚାୟତର ସ୍ୱେଚ୍ଛାସେବୀ, ସରପଞ୍ଚ ପ୍ରତିନିଧି, କହ୍ନେଇପୁର ଡାକ୍ତର ପାଢ଼ୀ, ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନାଙ୍କ ଉପସ୍ଥିତିରେ ଏହା ସଫା ହୋଇଛି। ଉକ୍ତ ଡାକ୍ତରଖାନା ଉପରେ ୧୦ ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଡାକ୍ତର ଅଭାବ ଯୋଗୁ ବହୁ ସମୟରେ ଲୋକେ ଖଲ୍ଲିକୋଟ ଡାକ୍ତରଖାନାକୁ ଆସିଥାନ୍ତି। କହ୍ନେଇପୁର ମେଡିକାଲରେ ଜଣେ ଆୟୁଷ ଡାକ୍ତର ଅଛନ୍ତି। ସଫେଇ କାର୍ଯ୍ୟକ୍ରମରେ ଦୁଇ ପଞ୍ଚାୟତର ସ୍ୱେଚ୍ଛାସେବୀ ସଞ୍ଜୟ ସାହୁ, ନିବାସୀ ପରିଡ଼ା, ଯୋଗୀ ଦାସ ମଳିକ, କହ୍ନେଇପୁର ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବ୍ଲକ ଜେଇ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।



କହ୍ନେଇପୁର ମେଡିକାଲ ପରିସର ସଫେଇ କରାଯାଉଛି।

# ସାମାଜିକ କର୍ମୀ ଶଚୀ ଭାଇଙ୍କ ପରଲୋକ

**ଭଞ୍ଜନଗର,୩।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲାର ଜଣାଶୁଣା ସାମାଜିକକର୍ମୀ ରୋଟାରିୟନ ଶଚୀ ଭାଇ (୭୬)ଙ୍କର ରବିବାର ସକାଳ ପ୍ରାୟ ୯ଟାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ସ୍ତ୍ରୀ ପାଖରେ ଥିଲେ। ଶଚୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍ଇସିର ଆଜୀବନ ସମ୍ପାଦକ ଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ସେ ଅନେକ କାର୍ଯ୍ୟ ଜିଲା ଓ ଜିଲା ବାହାରେ କରି ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏହି ସମୟରେ ସାମାଜିକ କର୍ମୀ ଶୁଳପାଣି ଶତପଥୀ, ନୃତ୍ୟାୟନ ସଙ୍ଗୀତ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ରବି ଦାସ, ରୋଟାରୀ କ୍ଲବର ପୂର୍ବତନ ସଭାପତି ଶ୍ରୀରାମ ପାଳ, ବାଳକୃଷ୍ଣ ପଟ୍ଟନାୟକ, ଶ୍ରମିକ ନେତା ହରିକୃଷ୍ଣ ସାହୁ, ଇଷ୍ଟ ସମ୍ପାଦିକା, ଅଶୋକ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତ୍ତିବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ କେନ୍ଦ୍ରୀୟ ଟିମ୍ ଗସ୍ତ ପରେ ତତ୍ପରତା

# ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଶିବିର

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତ ମାସରେ କେନ୍ଦ୍ରୀୟ ଟିମ୍ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ ସହ ସ୍ୱାସ୍ଥ୍ୟସେବା ନେଇ ରୋଗୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଯୋଗଶିବିର କରାଯିବା ନିୟମ ରହିଥିଲେ ମଧ ଏହା ଅଞ୍ଚଳବାସୀ ଜାଣି ନ ଥିବା କହିଥିଲେ। ଏବେ ପ୍ରତ୍ୟେକ ଶନିବାର ଏହି ଯୋଗଶିବିର କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏବେ ଏହା କାର୍ଯ୍ୟକାରୀ କରାଯାଉଥିବା ସିମନବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରଦୀପ କୁମାର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ପୂର୍ବରୁ ଜନସାଧାରଣ ଯୋଗ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏଣିକି ଯୋଗ ପ୍ରତି ଆଗ୍ରହ ବଢୁଛି। ଯୋଗ ପ୍ରଶିକ୍ଷକ କାହ୍ନୁଚରଣ ସାହୁ କହିଛନ୍ତି ଯେ, ପୂର୍ବ ଅପେକ୍ଷା ଏବେ ଯୋଗ ପ୍ରତି ଆଗ୍ରହ ବୃଦ୍ଧି ପାଇଛି। ଏଥିରେ ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଶିକ୍ଷା ନେଉଛନ୍ତି।

# ଗ୍ୟାସ୍ ଲିକ୍‌ରୁ ନିଆଁଲାଗି ୬ ଆହତ

**ହିଞ୍ଜିଳିକାଟୁ,୩।୧୧(ଡି.ଏନ୍.ଏ.)–** ହିଞ୍ଜିଳିକାଟୁ ମତ୍ସ୍ୟଜୀବୀସାହିରେ ଏକ ଗୃହ ପ୍ରବେଶ ଭୋଜି ରୋଷେଇବେଳେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ୬ଜଣ ଆହତ ହୋଇଛନ୍ତି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଆହତମାନଙ୍କୁ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ସୀମାଞ୍ଚଳ ପାଠୀ, ଅଶୋକ ପାଠୀ, ରାଜେନ୍ଦ୍ର ପାଠୀ, ଆଶୁତୋଷ ପାଠୀ, କିଶୋର ପାଠୀ, ସନ୍ତୋଷ ପାଠୀ, ହରିହର ବେହେରା। ଆଶୁତୋଷ ଓ ସୀମାଞ୍ଚଳଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

# ଆମ ପୋଲିସ ସମିତି ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅଞ୍ଚଳବାସୀ।

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନାରେ ଶନିବାର ଆମ ପୋଲିସ ସମିତି ବୈଠକ ଅଧକ୍ଷ ତଥା ଥାନାଧିକାରୀ କୌଶିକ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ କେନ୍ଦ୍ର ଗୁଡ଼ିକରେ ଅଳିଆ ପଡୁଥିବା ଓ ଟ୍ରାଫିକ୍ ସମସ୍ୟା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାସ୍ତାରେ ବୁଲାଗୋରୁ ସମସ୍ୟା ସୃଷ୍ଟି କରୁଥିବାରୁ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାରିଙ୍ଗବାଡ଼ି ସରପଞ୍ଚ ରାଧାକାନ୍ତ ପ୍ରଧାନ କହିଥିଲେ। ଦାରିଙ୍ଗବାଡ଼ି ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଲୋକଙ୍କୁ ଦୁର୍ବ୍ୟବହାର କରାଯାଉଥିବା ନେଇ ବୈଠକରେ ହୋହଲ୍ଲା ହୋଇଥିଲା। ପୂର୍ବରୁ ଶାଖା ପରିଚାଳକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା, ପୋଲିସ କାହିଁକି କାର୍ଯ୍ୟାନୁଷ୍ଠାନ ବଦଳରେ ସମାଧାନ କଲା ବୋଲି ଉପସ୍ଥିତ ଲୋକେ ଅଭିଯୋଗ କରିଥିଲେ। ଯେଉଁମାନେ ଅଭିଯୋଗ କରିଥିଲେ ବ୍ୟାଙ୍କ ପରିଚାଳକ କ୍ଷମା ପ୍ରାର୍ଥନା କରିବା ପରେ ମାମଲା ରୁଜୁ କରାଯାଇ ନ ଥିବା ଆଇଆଇସି ମାଝୀ କହିଥିଲେ। ଏ ସମ୍ପର୍କରେ ପୁଣି ସେ ଶାଖା ପରିଚାଳକଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।

# ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଦୁର୍ନୀତିର ମୂଳ କାରଣ

**ଫୁଲବାଣୀ ଅଫିସ,୩।୧୧**

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା 'ସଚ୍ଚୋଟତା-ଏକ ଜୀବନ ଶୈଳୀ' ଉପରେ ଆଲୋଚନା ହୋଇଥିଲା। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆମ ଭିତରେ ଥିବା ଲୋଭ, ମୋହ ଇତ୍ୟାଦିକୁ ଦୂରେଇ ପାରିଲେ ଦୁର୍ନୀତିକୁ ହଟାଇପାରିବା ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଦୁର୍ନୀତିଲିପ୍ତ ସରକାରୀ ଅଥବା ବେସରକାରୀ ଲୋକଙ୍କୁ ଲୋକଲୋଚନକୁ ଆଣିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ଜିଲାପାଳ ଡା. ବୃନ୍ଦା ଡି. ଦୁର୍ନୀତି ଜଣାପଡ଼ିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଦୁର୍ନୀତିକୁ ଆଦୌ ପ୍ରଶ୍ରୟ ନ ଦେବା ଦୁଇଟି ଅଲଗା କଥା। କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଦୁର୍ନୀତିକୁ ପ୍ରଶ୍ରୟ ଦେବା ଫଳରେ ଏହା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେଉଛି। ସମୟ ଲାଗିଲେ ବି ଦିନେ ନା ଦିନେ ଦୁର୍ନୀତି ବହୁମାତ୍ରାରେ କମିଯିବ ବୋଲି କହିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ବ୍ରହ୍ମପୁର ଦୁର୍ନୀତି ନିବାରଣ ଡିଭିଜନର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ ଉପସ୍ଥିତ ସମସ୍ତଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଏବଂ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫୁଲବାଣୀ ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧୀକ୍ଷକ ରବିକାନ୍ତ ସୁନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛସାଥୀଙ୍କୁ ଆକ୍ରମଣ ଘଟଣା
## ଦମ୍ପତିଙ୍କ ବିରୋଧରେ ମାମଲା ରୁଜୁ

**ଆସିକା,୩।୧୧(ଡି.ଏନ୍.ଏ.):** ଆସିକା ଏନ୍ଏସି ହରିହରନଗରଠାରେ ଆସିକା ଏନ୍ଏସି ପକ୍ଷରୁ ନିୟୋଜିତ ଜଣେ ସ୍ୱଚ୍ଛସାଥୀ ମହିଳାଙ୍କୁ ଆକ୍ରମଣ ହୋଇଥିଲା। ପରିମଳ ବ୍ୟବସ୍ଥା ନେଇ ଘରକୁ ଘର ବୁଲି ବୁଝାଉଥିବା ବେଳେ ସେହି ସାହିର ଜନୈକ ଦମ୍ପତି ଦମ୍ପି ପକ୍ଷରୁ ଯୁକ୍ତିତର୍କ, ଟଣାଓଟଣା ଓ ମାଡ ମରାଯାଇଥିବା ସ୍ୱଚ୍ଛସାଥି ଜଣକ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ପୋଲିସରେ ଅଭିଯୋଗ କରିଥିଲେ। ଆସିକା ଥାନାରେ ନଂ.୪୦୭/୧୯ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତ ଦମ୍ପତିଙ୍କୁ ଠାବ କରିବା ନେଇ ଉଦ୍ୟମ ଚାଲୁ ରହିବା ସହ ମାମଲାର ତଦନ୍ତ ଚାଲିଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ୬ ଫୁଟ ଅଜଗର ଉଦ୍ଧାର

**ଗୋପାଳପୁର,୩।୧୧:** ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡି ଗ୍ରାମରୁ ରବିବାର ୬ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର ହୋଇଛି। ମାର୍କଣ୍ଡି ଗ୍ରାମ ବେହେରା ସାହି ନିକଟରେ ଥିବା ଏକ ପୋଖରୀରେ ମାଛ ଧରିବା ପାଇଁ କେତେଜଣ ଯୁବକ ଜାଲ ପକାଇବା ବେଳେ ଜାଲରେ ସାପଟି ଲାଗି ଯାଇଥିଲା। ଖବର ପାଇ ସେକ୍ସ ହେଲପ୍ ଲାଇନ ସଦସ୍ୟ ପହଞ୍ଚି ଅଜଗରକୁ ଉଦ୍ଧାର କରିବା ସହ ଟାମଣା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ୱାର୍ଡ ସଭ୍ୟଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ ମାମଲା
### ୨ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଓଖାଲି ଗାଁର ୱାର୍ଡସଭ୍ୟ ଗଣପତି ପାତ୍ରଙ୍କୁ ଶୁକ୍ରବାର ରାତି ପ୍ରାୟ ୯ଟାରେ ଛୁରିଭୁସି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଦେଓଖାଲି ଗାଁର ଅଭିଯୁକ୍ତ ବିକାଶ ବେହେରା, ବସନ୍ତ ଗୌଡ଼ଙ୍କୁ ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ଏହି ମାମଲାର ଅଜୁ ଓରଫ ଅଜୟ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗଣପତିଙ୍କ ସ୍ତ୍ରୀ ଇନ୍ଦିରାଙ୍କ ଏତଲାକ୍ରମେ କେ.ନୂଆଗାଁ ପୋଲିସ ନଂ. ୨୧୭/୧୯ ଅନୁଯାୟୀ ୭ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଗଣପତି ତାଙ୍କ ଚାହା ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ତାଙ୍କୁ ବିପକ୍ଷ ଗୋଷ୍ଠୀର ୭ ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିଲେ।

## ପୋଡ଼ମାରିରେ ସତରଞ୍ଜି ବୈଠକ

**ପାଟପୁର,୩।୧୧(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ପୋଡ଼ମାରି ଠାକୁରାଣୀ ମନ୍ଦିରଠାରେ ପଞ୍ଚାୟତସ୍ତରୀୟ ସତରଞ୍ଜି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀଦତ୍ତ ନାୟକ ଏହି କାଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ଗ୍ରାମ୍ୟ ପରିମଳ ପରିଚ୍ଛନ୍ନତା, ପାନୀୟ ଜଳ ଯୋଜନା ଏବଂ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଅଧିକାରୀଙ୍କ ଦ୍ୱାରା ତର୍ଜମା କରାଯିବା ସହିତ କାର୍ଯ୍ୟ ସମ୍ପାଦନରେ ଉପୁଜୁଥିବା ବାଧା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକ ସହକାରୀ ଯନ୍ତ୍ରୀ, ଯୋଗାଣ ଅଧିକାରୀ, ବ୍ଲକ ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ, ପୋଡ଼ମାରି ସରପଞ୍ଚ ଭାଗ୍ୟଶ୍ରୀ ବିଷୋୟୀ, ସନ୍ତୋଷ ବିଷୋୟୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

**ବୁଗୁଡ଼ା,୩।୧୧(ଡି.ଏନ.ଏ.):** ବୁଗୁଡ଼ା ପୋଲିସ ପଥରବଣି ଛକରେ ବ୍ୟାଗରେ ମଦ ଧରି ଯାଉଥିବା ଜଣେ ଯୁବକଙ୍କୁ ଶନିବାର ସନ୍ଧ୍ୟାରେ ଗିରଫ କରିଛି। ସେ ହେଲେ ବୁଗୁଡ଼ା ଥାନା ଭାବସର ଗ୍ରାମର ସନ୍ତୋଷ ପଲାଇ। ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ .୨୪୪/୧୯ରେ ଏକ ମାମଲା ରୁଜୁ ହୋଇଛି। ରବିବାର ସନ୍ତୋଷଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

### ■ ଭଞ୍ଜନଗର ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ
# ମୁଖ୍ୟରାସ୍ତା ଅବରୋଧ କଲେ ଜରିମାନା

**ଭଞ୍ଜନଗର,୩।୧୧(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଶନିବାର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଞ୍ଜନଗର ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା, ଷ୍ଟ୍ରିଟ ରୋମିଓ, ଯାତ୍ରୀ ପରିବହନ, ସିସିଟିଭି କ୍ୟାମେରା ଲଗାଇବା ଉପରେ ଆଲୋଚନା ହୋଇଥିଲା। ସହରର ବିଭିନ୍ନ ଦୋକାନ ସମ୍ମୁଖରେ ଲୋକେ ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି। ଏଣିକି ଦୋକାନ କର୍ମଚାରୀ ଏଥିପ୍ରତି ନଜର ରଖିବେ। ମୁଖ୍ୟ ସଡ଼କରେ ଯଦି କୌଣସି ଲୋକ ରାସ୍ତା ଅବରୋଧ କରନ୍ତି କିମ୍ବା ବେନିୟମ ଭାବେ ପାର୍କିଂ କରନ୍ତି ତେବେ ଘଣ୍ଟାକୁ ୫ଶହ ଟଙ୍କା ଜରିମାନା ପକାଯିବ। ନଭେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ। ଏଥିସହ ପ୍ରଶାସନ ପକ୍ଷରୁ ମୁଖ୍ୟ ସଡ଼କରେ ଯେଭଳି ଟ୍ରାଫିକ୍ ସମସ୍ୟା ନହେବ ସେଥିପାଇଁ ପାର୍କିଂସ୍ଥଳ ଚିହ୍ନଟ କରାଯିବ। ବିଭିନ୍ନ ଯାତ୍ରିବାହୀ ଯାନବାହାନରେ କ୍ଷମତା ଠାରୁ ଅଧିକ ପରିବହନ ହେଉଛି। ଏନେଇ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଟିଓ ଶୁଭେନ୍ଦୁ ରାୟ, ଥାନା ଅଧିକାରୀ ସୁଦିପ୍ତ ସାହୁ, ତହସିଲଦାର ଦୀନମଣି ନାୟକ, ଏସ୍‌ଡ଼ିପିଓ ଶୁଭ୍ରାଶୁଂ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

ଏଥିସହ ବୈଠକରେ ବେନିୟମ ଭାବେ ଥିବା ହମ୍ପ ଉଠାଇବା, ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇବାବେଳେ ହେଲମେଟ୍ ବ୍ୟବହାର ଆଇନ କଡ଼ାକଡ଼ି ପାଇଁ ନିଷ୍ପତି ହୋଇଥିଲା। ସିସିଟିଭି କ୍ୟାମେରା ସହରରେ ଲଗାଯିବ। ଗାଡ଼ି ମାଲିକମାନେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବ୍ୟସ୍ତ ନ ହୁଅନ୍ତି। ଏଥିପାଇଁ ୫ଟି ଗାଡ଼ି ସହରରେ ବୁଲୁଛି ବୋଲି ଆର୍‌ଟିଓ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ବ୍ୟବସାୟୀ ସଂଘ, ପେଟ୍ରୋଲ ଟାଙ୍କି ମାଲିକ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

■ କ୍ଷମତା ଠାରୁ ଅଧିକ ଯାତ୍ରୀ ନେଲେ କାର୍ଯ୍ୟାନୁଷ୍ଠାନ
■ ଦୋକାନ କର୍ମଚାରୀ ଟ୍ରାଫିକ ନିୟନ୍ତ୍ରଣ କରିବେ

# ଜନ୍ମ ନେଲେଣି କମ୍ ଓଜନର ୪,୧୧୫ ଶିଶୁ

**ଗଞ୍ଜାମ ଜିଲା**

**ଛତ୍ରପୁର,୩।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା କମ୍ ଓଜନର ୪,୧୧୫ ଶିଶୁ ଜନ୍ମ ହେଲେଣି । ଯେଉଁମାନଙ୍କ ଓଜନ ୨.୫ କି.ଗ୍ରାଠାରୁ କମ୍ ରହିଛି। ଜିଲାରେ ମୋଟ ନବଜାତ ଶିଶୁ ତୁଳନାରେ ଏହା ୧୭ ପ୍ରତିଶତ ରହିଛି। ଛତ୍ରପୁରଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁସାରେ, ସେପ୍ଟେମ୍ବର ସୁଦ୍ଧା ଜିଲାରେ ଜନ୍ମ ହୋଇଥିବା ୨୪,୭୯୫ ଶିଶୁଙ୍କ ମଧ୍ୟରୁ ୨୪,୭୦୧ ଶିଶୁଙ୍କର ଓଜନ କରାଯାଇଥିଲା । ସେଥିରୁ ଉକ୍ତ ତଥ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମିଳିଛି । ଜଗନ୍ନାଥପ୍ରସାଦ ବ୍ଲକରେ ୮୮ ନବଜାତ ଶିଶୁଙ୍କ ଓଜନ ୨.୫ କି.ଗ୍ରାରୁ କମ୍ ରହିଥିବାବେଳେ ଧରାକୋଟ ବ୍ଲକରେ ୧୪, ଭଞ୍ଜନଗର ବ୍ଲକରେ ୩୭୬, ଚିକିଟି ବ୍ଲକରେ ୬୯ କମ ଓଜନର ଶିଶୁ ଜନ୍ମ ନେଇଛନ୍ତି। ସେହିପରି ବେଗୁନିଆପଡ଼ା ବ୍ଲକରେ ୧୦୫, ସାନଖେମୁଣ୍ଡି ବ୍ଲକରେ ୨୪୧, ବେଲଗୁଣ୍ଠା ବ୍ଲକରେ ୭୧, ଆସିକା ବ୍ଲକରେ ୨୮୪, ପାତ୍ରପୁର ବ୍ଲକରେ ୮୫, ସୋରଡା ବ୍ଲକରେ ୧୮୭, ହିଞ୍ଜିଳି ବ୍ଲକରେ ୧୧୯, ପୋଲସରା ବ୍ଲକରେ ୧୩୧ ଜଣ କମ୍ ଓଜନର ଶିଶୁ ଜନ୍ମ ନେଇଛନ୍ତି। ଗଞ୍ଜାମ ବ୍ଲକରେ ୫୮, ଖଲ୍ଲିକୋଟ ବ୍ଲକରେ ୧୨୩, ଦିଗପହଣ୍ଡି ବ୍ଲକରେ ୭୦, ପୁରୁଷୋତ୍ତମପୁର ବ୍ଲକରେ ୭୦, ଶେରଗଡ ବ୍ଲକରେ ୩୪, ଛତ୍ରପୁର ବ୍ଲକରେ ୩୮, କବିସୂର୍ଯ୍ୟନଗର ବ୍ଲକରେ ୨୫, କୁକୁଡାଖଣ୍ଡି ବ୍ଲକରେ ୧୭, ବୁଗୁଡା ବ୍ଲକରେ ୩୩ ଓ ରଙ୍ଗେଇଲୁଣ୍ଡା ବ୍ଲକରେ ୨ ନବଜାତ ଶିଶୁଙ୍କ ଆବଶ୍ୟକରୁ କମ୍ ଓଜନ ରହିଛି । ସେହିପରି ଜିଲାର ୧୮ ସହରାଞ୍ଚଳରେ ୧,୮୭୫ ଜଣ କମ ଓଜନର ଶିଶୁ ଜନ୍ମ ନେଇଥିବା ଜଣାପଡିଛି।

## ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା


ପ୍ରତିଯୋଗୀଙ୍କ ସହ ବ୍ଲକ ଅଧକ୍ଷ ଓ ଅନ୍ୟମାନେ।

**ଛତ୍ରପୁର,୩।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ରବିବାର ୨୧ତମ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ଛତ୍ରପୁର ଏକାଡେମୀର ସଭାନେତ୍ରୀ ଅନିତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଶ୍ରୀକାନ୍ତ ମହାନ୍ତି, ଆନ୍ତର୍ଜାତିକ କୋଚ୍ କେ. ମନୋଜ ପ୍ରଧାନ, ବ୍ରହ୍ମପୁର ଏକାଡେମୀର ସଭାପତି ଜନୋଜ କୁମାର ମହାରଣା ଅତିଥି ଭାବେ ଯୋଗଦେଇଥିଲେ। କୋଚ୍ ଇ. ଲଳିତ କୁମାର, ସି.ଏଚ୍. ପ୍ରସାଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିକାଶ ଗୌଡ, ବସୁ ନାୟକ ସହଯୋଗ କରିଥିଲେ।

## ମଦ ସହ ଅଟୋ,ବାଇକ୍ ଜବତ: ୬ ଗିରଫ

**ଆସିକା,୩।୧୧(ଡି.ଏନ୍.ଏ.)**

ଆସିକା ଥାନା ଇଲାକାରେ ବିଭିନ୍ନ ଚୋରାମଦ ଭାଟି ଉପରେ ରବିବାର ପୋଲିସ ଚଢାଉ କରି ୫୦୦ ଲିଟର ରନ୍ଧାମଦ ସହ ଗୋଟିଏ ବାଇକ୍ ଓ ଗୋଟିଏ ଅଟୋ ଜବତ କରିଛି। ୬ ଜଣଙ୍କୁ ଗିରଫ କରାଯାଇଛି। ଏରଗୋଲା ବସାରୁ ୧୦୦ ଲିଟର ରନ୍ଧା ମଦ ଜବତ କରାଯାଇ ଏ. ରାମାଙ୍କୁ ଗିରଫ କରାଯାଇଥିବା ବେଳେ ଗୋଲାପଲ୍ଲୀ ଏରଗୋଲା ବସାରୁ ୮୦ଲିଟର ରନ୍ଧା ମଦ ସହ ପି. ସନିଆଙ୍କୁ ଓ ପାକଲାପଲ୍ଲୀ ଏରଗୋଲା ବସା ନିକଟରୁ ୮୦ ଲିଟର ରନ୍ଧାମଦ ସହ ଏ. ସନ୍ତୋଷ ସେହିଭଳି ୮୦ ଲିଟର ମଦ ସହ ପାକଲାପଲ୍ଲୀ ଏରଗୋଲା ବସାରୁ ଏ. ରେଣୁଙ୍କୁ ଗିରଫ କରାଯାଇଛି। ସେହିଭଳି ଗାଙ୍ଗପୁର ଥାନା ଆମ୍ବପୁଅା ଗ୍ରାମର ବାବୁଲା ବେହେରାଙ୍କ ଠାରୁ ୫୦ଲିଟର ରନ୍ଧାମଦ ଜବତ କରାଯାଇ ମାମଲା ରୁଜୁ କରାଯାଇଥିବା ବେଳେ କର୍ପୂର ନୂଆଗାଁର କରୁଣାକର ବେହେରାଙ୍କ ଠାରୁ ୮୦ ଲିଟର ରନ୍ଧାମଦ ଜବତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ୪୧୦, ୪୧୧, ୪୧୨, ୪୧୩, ୪୧୪, ୪୧୫/୧୯ରେ ୬ଟି ମାମଲା ରୁଜୁ କରାଯାଇ ରବିବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କାର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ବସ୍ତିବାସିନ୍ଦାଙ୍କ ରାଲି, ତହସିଲଦାରଙ୍କୁ ସ୍ମାରକପତ୍ର


ତହସିଲ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ହିଞ୍ଜିଳିକାଟୁ,୩।୧୧(ଡି.ଏନ୍.ଏ.)**

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ୨୦୧୭ ଆଇନ ହିଞ୍ଜିଳିକାଟୁ ପୌରାଞ୍ଚଳରେ ପାଇଲଟ ପ୍ରୋଜେକ୍ଟ ଭାବେ ରାଜ୍ୟ ସରକାର ଲାଗୁ କରିଥିଲେ। ତେବେ ୧୭ନଂ. ୱାର୍ଡ଼ର ବହୁ ବସ୍ତିବାସିନ୍ଦାଙ୍କ ସହ ନିକଟବର୍ତ୍ତୀ ଅନ୍ୟାନ୍ୟ ଅଞ୍ଚଳର ବାସିନ୍ଦାଙ୍କୁ ଏ ପର୍ଯ୍ୟନ୍ତ ଜମି ଅଧିକାର ମିଳିନାହିଁ। କେନାଲ ଓ ପାହାଡ଼ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଦର୍ଶାଇ ଜମି ଅଧିକାରରୁ ବଞ୍ଚିତ କରାଯାଇଥିବା ଶତାଧିକ ବସ୍ତିବାସିନ୍ଦା ଶନିବାର ସହରରେ ରାଲି କରିବା ସହ ସ୍ମାରକପତ୍ର ଦେଇଛନ୍ତି। ପୂର୍ବତନ କାଉନସିଲର ତଥା ଗୃହ ପଟ୍ଟା ପ୍ରଦାନ କ୍ରିୟାନୁଷ୍ଠାନ କମିଟି ଆବାହକ କିରଣ କୁମାର ପଟ୍ଟନାୟକଙ୍କ ନେତୃତରେ ମହିଳା ଓ ପୁରୁଷ ବଇଁଚବଣିଆ ଛକରୁ ରାଲିରେ ବାହାରି ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଦେବରାଜ ପାତ୍ରଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ତାରା ପଟ୍ଟନାୟକ, କୈଳାସ ସାହୁ, କନକଲତା ସାହୁ, ପ୍ରତାପ ପଟ୍ଟନାୟକ,ନୀଳମଣି ପଣ୍ଡା, କଅଁଥିବାସ ଖାଡ଼ଙ୍ଗା, ସୁଶାନ୍ତ ପଣ୍ଡାଙ୍କ ସହ ବହୁ ମହିଳା ଓ ପୁରୁଷ ଭାଗ ନେଇଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ ଅଭିଯୁକ୍ତ ଫେରାର

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲା କ୍ରମେ ଆଇଆଇସି ବସନ୍ତ କୁମାର ସେଠୀ ନଂ. ୨୨୦/୧୯ ଦଫା ୩୭୬ (୨) (ଏନ୍) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ୨୦୧୮ ନଭେମ୍ବର ୩ ତାରିଖରୁ ୨୦୧୯ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଇଲାକାର ଜଣେ ବ୍ୟକ୍ତି ତାଙ୍କୁ ବିଭିନ୍ନ ସମୟରେ ବ୍ଲାକମେଲିଂ କରି ବଳାତ୍କାର କରିଥିବା ମହିଳା ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି। ଲୋକଲଜ୍ଜା ଭୟରେ ସେ ଅଭିଯୋଗ କରୁ ନ ଥିଲେ। କିନ୍ତୁ ମାନସିକ ଯନ୍ତ୍ରଣା ଅସହ୍ୟ ହେବାରୁ ବାଧହୋଇ ମହିଳା ଜଣକ ଶନିବାର ଥାନାରେ ଏତଲା ଦେଇଥିବା ପୋଲିସକୁ କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସନ୍ଦିଗ୍ଧ ଇଲାକାରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କୁ ଧରିପାରି ନ ଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ହରିଣ ମୃତ

**ବେଗୁନିଆପଡା,୩।୧୧(ଡି.ଏନ.ଏ.)**

ଆସିକାରୁ ଭୁବନେଶ୍ୱର ରାଜ୍ୟ ରାଜପଥର କଞ୍ଚଣା ନିକଟସ୍ଥ ବାଲିପୋଇଠାରେ ରବିବାର ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ହରିଣର ମୃତ୍ୟୁ ଘଟିଛି। ମଧ୍ୟାହ୍ନରେ ହରିଣଟି ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଟି ଚାପି ଦେଇ ଚାଲିଯାଇଥିଲା। ଘଟଣାର ୨ ଘଣ୍ଟା ପରେ ମଧ୍ୟ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ବାଲିପୋଇରୁ କୋଦଳା ମଧ୍ୟରେ ଚଳିତବର୍ଷ ୧୫ରୁ ଅଧିକ ହରିଣ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। କିନ୍ତୁ ଏମାନଙ୍କ ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ବୁଗୁଡ଼ା,୩।୧୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ପ୍ରଦାନ ପୂର୍ବକ ମାଣିତରା ଗ୍ରାମ ପରିକ୍ରମା କରି ଦୁର୍ନୀତି ନିବାରଣ ଉପରେ ସଚେତନତା ସୃଷ୍ଟି କରିଥିଲେ। ପରେ ସମ୍ପୃକ୍ତ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଅନୁପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଦୁର୍ନୀତି ନିବାରଣ ସମ୍ପର୍କିତ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଇଓସିଏଲ୍ କନଷ୍ଟ୍ରକ୍ସନ୍ ମ୍ୟାନେଜର ତାରକେଶ୍ୱର ଲାଲ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ଗୁଲସନ୍ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଅଧାପକମାନେ ଯୋଗଦେଇ ଥିଲେ।

## ୧୦ରେ ଘୁମୁସର ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର,୩।୧୧(ଡି.ଏନ.ଏ.)**

ଘୁମୁସର ଗବେଷଣା ପ୍ରତିଷ୍ଠାନର ଦ୍ୱିତୀୟ ବାର୍ଷିକୋତ୍ସବ ୧୦ରେ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନରେ କଲେଜ ପରିସରରେ ହୋଇଯାଇଛି। ଏଥିରେ ସଭାପତି ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ଡ. ତପନ ପ୍ରସାଦ ମିଶ୍ର ବିବରଣୀ ପାଠ କରିଥିଲେ। ଅଧାପକ ବିପିନ ପାଢ଼ୀ, ଡ. ଆର. କେ. ମିଶ୍ର, ଡ଼. ସନ୍ତୋଷ କୁମାର ଆପଟ୍ଟ, ନେତାଜୀ ବିଷୋୟୀ, ଡ଼. ଦେବେନ୍ଦ୍ର କୁମାର ରଥ, ଡ଼. ଏସ୍. କେ. ଷଡ଼ଙ୍ଗୀ, ଡ଼. ଜୟଦେବ ଗୌଡ଼, ଲୋକନାଥ ମହାନ୍ତି, ପି. କେ. ଚୌଧୁରୀ, ଦାମୋଦର ଷଡଙ୍ଗୀ, ମାଧବ ଦଳାଇ, ଗୁରୁମୂର୍ତ୍ତି ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼.ମନ୍ମଥ ନାଥ ପାଢ଼ୀ, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ଦକ୍ଷିଣ ଓଡ଼ିଶା ଇତିହାସ ପରିଷଦର ସଭାପତି ଡ଼.ମଦନ ମୋହନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେବେ।

### ■ ପୋଡ଼ି ହୋଇ ମହିଳା ଗୁରୁତର
## ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ, ଶାଶୁ ଗିରଫ

**ଆସିକା,୩।୧୧(ଡି.ଏନ୍.ଏ.)**

ଆସିକା ଥାନା ଦେବଭୂମୀ ଗ୍ରାମରେ ବୁଧବାର ସକାଳେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଥିଲେ। ସେହେଲେ ସେହି ଗ୍ରାମର ଟୁକୁନା ଚୌଧୁରୀଙ୍କ ସ୍ତ୍ରୀ ମାମାଲି। ବ୍ରହ୍ମପୁର ବଡ ମେଡିକାଲରେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିଲାବେଳେ ଶନିବାର ମାମାଲିଙ୍କ ମା' ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ଲାଗି ତାଙ୍କ ଝିଅକୁ ଶାଶୁ ଓ ସ୍ୱାମୀ କିରୋସିନି ଢାଳି ପୋଡି ମାରିଦେବା ଲାଗି ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ୨୦୧୩ରେ ମାମାଲିଙ୍କୁ ବିବାହ ସମୟରେ ଯାନିଯୌତୁକ ସହ ନଗଦ ୪୦ହଜାର ଟଙ୍କା ଦିଆଯାଇଥିଲା। ଆଉ ୮୦ ହଜାର ଟଙ୍କା ଆଣିବାକୁ ଦାବିକରି ଶାଶୁଘର ଲୋକେ ମାମାଲିଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ନଂ.୪୦୬/୧୯ରେ ଏକ ମାମଲା ରୁଜୁ କରି ପୋଲିସ ମାମାଲିଙ୍କ ସ୍ୱାମୀ ଟୁକୁନା ଓ ଶାଶୁ ଉମାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ, କଲାଡ଼ି ଚାମ୍ପିୟନ

**ଖଜୁରିପଡା, ୩।୧୧(ଡି.ଏନ.ଏ)**

ଖଜୁରିପଡା ବ୍ଲକ ଟିଟ୍ରାପଙ୍ଗା ଭଗବତ କଳା ସଂଘ ପକ୍ଷରୁ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ କଲାଡି ଦଳ ୨-୧ ଗୋଲରେ ଟିଟ୍ରାପଙ୍ଗା ଦଳକୁ ହରାଇ ଚାମ୍ପିୟନ ହୋଇଛି। ବିଜୟ କୁମାର ମୁଖି ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ରୁପକ ଦେହୁରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଭଟବାହାଲ ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଘୋଷଣା କରାଯାଇଥିଲା। ଶ୍ୟାମସୁନ୍ଦର ସାହା, ସରୋଜ ମୁନି, ସୁନିଲ ବେହେରା, ଗୌରଚରଣ ମହାନ୍ତି, ପ୍ରତାପ ପ୍ରଧାନ, ସୁଶାନ୍ତ ଝୁଣ୍ଡି ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର ମୁଖ୍ୟଅତିଥି, ଫୁଲବାଣୀ ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ବିଶ୍ୱାଳ, ଜିଲା ୱାର୍ଡମେମ୍ବର ସଂଘ ସଭାପତି ଅରୁଣ ଭୋଇ, ନେହେରୁ ଯୁବସଙ୍ଘ ଜିଲା ସଂଯୋଜକ ସତ୍ୟବାନ ଦଳବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂଘ ସଭାପତି ପ୍ରବୀଣ କୁମାର କହଁର ଓ ସମ୍ପାଦକ ରଞ୍ଜନ କୁମାର ରଣା ଏହାକୁ ପରିଚାଳନା କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ